# Akashvani, Sambalpur

## SAMBALPURI NEWS EVENING BULLETIN

## 22 November 2024- 7.02 pm- 7.12 pm.

*********************************************

୧- ଓଡ଼ିଆ ସଂସ୍କୃତିର୍ ପ୍ରଚାର୍ ଆର୍ ସୁରକ୍ଷା ଲାଗି ଆଏଜ୍‌ଠାନୁ ନୂଆଦିଲ୍ଲୀ ନ ମୁଲ୍ ହେଲା ଓଡ଼ିଶା ପର୍ବ -୨୦୨୪ ।

୨- ବିଧାନ୍‌ସଭା ଶୀତ୍‌କାଲୀନ୍ ଅଧିବେଶନ୍ ଆଏବା ୨୬ ତାରିଖ୍‌ନୁ ହେବା ମୁଲ୍ ।

- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ହେବା ମନ୍ତ୍ରୀପରିଷଦ୍ ବୈଠକ୍ ।

୩- ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ୍ ଯୋଜ୍‌ନାଥି ୬୬ ଟା ଗୋଶାଳାକେ ଦିଆଗଲା ସାହାଜ୍ ଟଙ୍କା ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଲିତ୍ ହେଉଛେ ମହାନ୍ ବିପ୍ଲବୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର୍ ଜୟନ୍ତୀ ।

ଓଡ଼ିଶା ପର୍ବ ୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଆ ସଂସ୍କୃତିର୍ ପ୍ରଚାର୍ ଆଉ ସୁରକ୍ଷା ଲାଗି ଓଡ଼ିଆ ସମାଜ୍ ତରଫୁ ଆଏଜ୍‌ଠାନୁ ଦିଲ୍ଲୀ ନ ଓଡ଼ିଶା ପର୍ବ ୨୦୨୪ ଆୟୋଜନ୍ କରାଯାଇଛେ । ଜବାହାର୍‌ଲାଲ୍ ଷ୍ଟାଡ଼ିୟମ୍ ନ ୩ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍‌ଥି ଆଏଜ୍ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେଇଛନ୍ । ତାଙ୍କର୍ ସାଙ୍ଗେ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବହୁତ୍‌ଟେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ୍ ଅଛନ୍ । ଓଡ଼ିଶା ପର୍ବ ଥି ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବାର୍ ସହେତେ ରାଜ୍ୟର୍ ସାମାଜିକ୍, ସାଂସ୍କୃତିକ ଆଉ ରାଜନୈତିକ୍ ମୂଲ୍ୟବୋଧକେ ପ୍ରଦର୍ଶନ୍ କରାଯାଉଛେ । ଇଥି ଓଡ଼ିଶାର୍ ସବୁଜାଗାର୍ ହସ୍ତଶିଳ୍ପ , ହସ୍ତତନ୍ତ, ନୃତ୍ୟ ଆର୍ ସଂଗୀତ କଲାକାର୍‌ମାନେ ଭାଗ୍ ନେଇଛନ୍ ।

ବିଧାନ୍‌ସଭା ଶୀତକାଲୀନ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ଶୀତକାଲୀନ୍ ଅଧିବେଶନ୍ ଆଏବା ୨୬ ତାରିଖ୍ ମଙ୍ଗଲ୍‌ବାର୍‌ନୁ ମୂଲ୍ ହେବା । ଇଥିର୍‌ଲାଗି ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ମନ୍ତ୍ରୀ

ପରିଷଦ୍ ବୈଠକ୍ ଅନୁଷ୍ଠିତ ହେବା ବଲି ସୂଚନା ମିଲିଛେ । ବୈଠକ୍‌ଥି ଚଲ୍‌ତି ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବଜେଟ୍‌କେ ମନ୍ତ୍ରୀ ପରିଷଦ୍‌ର ଅନୁମୋଦନ୍ ମିଲ୍‌ବାର୍ ସମ୍ଭାବନା ରହିଛେ । ଶୀତ୍‌କାଲୀନ୍ ଅଧିବେଶନ୍‌ର ପହେଲା ଦିନେ ମୁଖ୍ୟମନ୍ତ୍ରୀ ଗୃହ ନ ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ଥି ମୋଟ୍ ୩୦ ଟା କାର୍ଯ୍ୟଦିବସ୍ ରହିଛେ । ଇତାକେ ଠିକ୍ ଭାବେ ସମ୍ପାଦନ୍ କର୍‌ବାର୍ ଲାଗି ବାଚସ୍ପତି ସୁରମା ପାଢ଼ୀ ଆଏବା ୨୫ ତାରିଖ୍ ସୋମ୍‌ବାର୍ ଦିନ ସର୍ବଦଲୀୟ ବୈଠକ୍ ଡାକିଛନ୍ ।

ଗୋଶାଲା-ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ   ଆର୍‌ଏନ୍‌ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ୍ ଯୋଜ୍‌ନାଥି ପଞ୍ଜିକୃତ ୬୬ ଟା ଗୋଶାଲାକେ ୮ କୋଟି ୯୬ ଲାଖ୍ ସାହାଜ୍ ଟଙ୍କା ଦିଆଯାଇଛେ । ଭୁବ୍‌ନେଶ୍ୱର୍ ନ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ନ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ ତର୍‌ଫୁ ଆଏଜ୍ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଲାନନ୍ଦ

ମଲ୍ଲିକ୍ ଇ ସାହାଜ୍ ଟଙ୍କା ବାଂଟିଛନ୍ । ସେନ୍ତା ୧୩ ଟା ନୂଆଁ ଗୋଶାଲା ତିଆରି ଲାଗି ପ୍ରାଣୀ କଲ୍ୟାଣ୍ ସଂସ୍ଥା ମାନ୍‌କୁ କାର୍ଯ୍ୟାଦେଶ୍ ବଂଟାଯାଇଛେ । ଇ ନୂଆଁ ଗୋଶାଲା କାର୍ଯ୍ୟକ୍ଷମ୍ ହେବାର୍ ଉତ୍‌ରୁ ସେମାନ୍‌କୁ ୫ କୋଟି ଟଙ୍କାର୍ ସାହାଜ୍ ଯୁଗେଇ ଦିଆଯିବା । ସେନ୍ତା ୪୭ ଟା ଗୋଧନ କେନ୍ଦ୍ର ଲାଗି କାର୍ଯ୍ୟାଦେଶ୍ ବଂଟାଯାଇଛେ । ଇ ଗୋଧନ କେନ୍ଦ୍ର ଥାପ୍‌ନା ହେବାର୍ ଉତ୍‌ରୁ ୨ କୋଟି ୧୫ ଲାଖ୍ ଟଙ୍କାର୍ ସାହାଜ୍ ଦିଆଯିବା । ଇଥି ବଛର୍‌କ ପାଖାପାଖି ୩ ହଜାର୍ ଟନ୍ ଜିଆ ଖତ ଉତ୍ପାଦନ୍ ହେଇପାର୍‌ବା । ଇତାର୍ ଜରିଏ ରାଜ୍ୟର୍ ଗୋଶାଲା ଆଉ ଗୋପାଲକ ମାନେ ଲାଭ୍ ପାଏବେ ।

ବିଶ୍ୱବେଙ୍କ୍ ରିପୋର୍ଟ ଉନ୍ମୋଚନ୍- କେନ୍ଦ୍ରଶିକ୍ଷାମନ୍ତ୍ରୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ କେନ୍ଦ୍ର ଯୁବବ୍ୟାପାର୍ ଆର୍ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ ଆଏଜ୍ ନୂଆଦିଲ୍ଲୀ ନ ୬ ଟା ରାଜ୍ୟର୍ ଯୁବବର୍ଗଙ୍କର୍ ଲାଗି ‘ଜବ୍ ଏଟ୍ ୟୋର୍ ଡୋର୍‌ଷ୍ଟେପ୍- ଏ ଜବ୍‌ସ୍ ଡାଇଗ୍ନୋଷ୍ଟିକ୍ ଫର୍ ୟଙ୍ଗ୍ ପିପୁଲ୍ ଇନ୍ ସିକ୍ସ ଷ୍ଟେଟ୍‌ସ୍’ ଶୀର୍ଷକ ଗୁଟେ ରିପୋର୍ଟ

ଉନ୍ମୋଚନ୍ କରିଛନ୍ । ଇ ରିପୋର୍ଟଥି ଓଡ଼ିଶା ସହେତେ ହିମାଚଲ୍ ପ୍ରଦେଶ୍, କେରଳ, ମଧ୍ୟପ୍ରଦେଶ୍, ମହାରାଷ୍ଟ୍ର ଆର୍ ରାଜସ୍ଥାନ୍‌ର୍ ତଥ୍ୟ ରହିଛେ । ଇ ରିପୋର୍ଟ ୬ ଟା ରାଜ୍ୟର୍ ଚାକିରୀ ଅନ୍ୱେଷଣ କର୍‌ବାର୍ ସାଙ୍ଗେ ମାଧ୍ୟମିକ ବିଦ୍ୟାଲୟନୁ ସ୍ନାତକ ହାସଲ୍ କରିଥିବା ଯୁବକ୍‌ମାନ୍‌କର୍ ଲାଗି ସବୁନୁ ଭଲ୍ ନିଯୁକ୍ତି ସୁଯୋଗ୍ ଦେଉଥିବା କ୍ଷେତ୍ରକେ ଚିହ୍ନଟ୍ କର୍‌ବା । ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ୬ ଟା ରାଜ୍ୟ ବାବ୍‌ଦେ ବିସ୍ତୃତ ରିପୋର୍ଟ ତିଆର୍ କରିଥିବାର୍‌ନୁ ବିଶ୍ୱବେଙ୍କ୍ ଟିମ୍‌କେ ପ୍ରଶଂସା କରିଛନ୍ । ଚାକିରୀ ଆଉ ନିଯୁକ୍ତିର ପରିଭାଷାକେ ବ୍ୟାପକ୍ କର୍‌ବାର୍ ଉପ୍‌ରେ ଶ୍ରୀ ପ୍ରଧାନ୍ ଆଲୋଚନା କରିଥିଲେ । ଇତାର୍‌ସହେତେ ଭାରତ୍‌କେ ଗୁଟେ ବିଶ୍ୱ ଦକ୍ଷତା କେନ୍ଦ୍ର କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଭିଜନ୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ପ୍ରଶଂସା କରିଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ୬୦ ବଛର୍‌ନୁ ଅଏତ୍‌କା ଆର୍ ୭୫ ବଛର୍‌ନୁ କମ୍ ବୟସର୍ ଓଡ଼ିଶାର୍ ସ୍ଥାୟୀ ବାସିନ୍ଦାଙ୍କର୍‌ନୁ ତୀର୍ଥଯାତ୍ରା ଲାଗି ଆଏଜ୍‌ଠାନୁ ଦର୍‌ଖାସ୍ତ

ଆହ୍ୱାନ୍ କରାଯାଇଛେ । ଆଏବା ମାସ ୧୨ ତାରିଖ୍‌ତକ୍ ଆବେଦନ୍ ପତ୍ର ଗ୍ରହଣ୍ କରାଯିବା । ଜିଲ୍ଲାପାଲ୍, ଜିଲ୍ଲା ପର୍ଯ୍ୟଟନ୍ ଅଧିକାରୀ, ବ୍ଲକ୍ ଉନ୍ନୟନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଆଉ ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ୱେବ୍‌ସାଇଟ୍‌ଥି ପୁରା ତଥ୍ୟ ଆଉ ଆବେଦନ୍ ଫର୍ମ ମିଲୁଛେ । ବରିଷ୍ଠ ଯାତ୍ରୀମାନ୍‌କର୍ ତୀର୍ଥ ଯାତ୍ରା ଆଏବା ମାସ୍‌ନୁ ମାର୍ଚ୍ଚ ମାସ ଭିତ୍‌ରେ ହେବା ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୪ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି

ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଶହୀଦ୍ ଲକ୍ଷ୍ମଣ ନାୟକ ଜୟନ୍ତୀ ଆର୍‌ଏନ୍‌ୟୁ/ କଟକ୍

ମହାନ୍ ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର୍ ଜୟନ୍ତୀ ଆଏଜ୍ ପାଲନ୍ କରାଯାଉଛେ । ଶହୀଦ୍ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ୍ ଜିଲ୍ଲା ବୋରିଗୁମ୍ମା ବ୍ଲକ୍‌ର ତେନ୍ତୁଳିଗୁମ୍ମା ଗାଁ ନ ୧୮୯୯ ମସିହା ଆଝିର୍ ଦିନେ ଜନମ୍ ହେଇଥିଲେ । ମହାତ୍ମାଗାନ୍ଧୀଙ୍କର୍ ଡାକ୍‌ରାଥି ସ୍ୱାଧୀନତା ଆନ୍ଦୋଲନ୍‌ଥି ସାମିଲ୍ ହେଇକରି ତାଙ୍କର୍ ଇଲାକା ନ ଲୋକ୍‌ମାନ୍‌କୁ ସ୍ୱାଧୀନତାର୍ ଚିନ୍ତାଧାରାଥି ପ୍ରେରିତ ହେବାର୍ ସହେତେ ନିର୍ଭୀକ ହେବାର୍ ଲାଗି ପ୍ରବର୍ତଉଥିଲେ । ଅହିଂସା ମାର୍ଗଥି ପରିଚାଲିତ ହେବା ଆର୍ ମଦ୍ୟପାନ ତ୍ୟାଗ କରିକରି ଗୁଟେ ଶୃଙ୍ଖଲିତ୍ ଜୀବନଯାପନ୍ କର୍‌ବାର୍ ବାର୍ତା ପ୍ରଚାର୍ କରୁଥିବାର୍‌ନୁ ତାଙ୍କୁ ମାଲ୍‌କାନ୍‌ଗିରିର ଗାନ୍ଧୀ ବଲି କୁହାଯାଉଥିଲା । ମହାନ୍ ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର୍ ଜୟନ୍ତୀ ପାଲନ୍ ଅବ୍‌ସରେ ଭୁବ୍‌ନେଶ୍ୱର୍

ଜୟଦେବ୍ ଭବନ୍ ନ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ହେଉଛେ ।

ସମ୍ବଲ୍ପୁର୍- ଧାନ୍ ଘିନା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଉପଖଣ୍ଡନୁ ଆଏଜ୍ଠାନୁ ଚାଷୀମାନ୍କର୍ନୁ ଧାନ୍ ଘିନା ମୁଲ୍ ହେଇଛେ । ସେନ୍ତା ଆଏବା ୨୭ ତାରିଖ୍ନୁ କୁଚିଣ୍ଡା ଆର୍ ରେଢ଼ାଖୋଲ୍ ଉପଖଣ୍ଡନୁ ଧାନ୍ ଘିନାଯିବା । ଆଏଜ୍ ପହେଲା ଦିନେ ସମ୍ବଲପୁର୍ ଉପଖଣ୍ଡର୍ ୫୫ ଟା ବଜାର୍ ପ୍ରାଙ୍ଗଣ୍ ଭିତ୍ରୁ ୩୪ ଟା ମଣ୍ଡିନୁ ଚାଷୀମାନ୍କର୍ ଧାନ୍ ଉଠିଛେ । ସାରା ଜିଲ୍ଲା ନ ଧାନ୍ ଘିନା ଲାଗି ଶହେ ୨୯ ଟା ବଜାର୍ ପ୍ରାଙ୍ଗଣର ବ୍ୟବସ୍ଥା କରାଯାଇଛେ । ଇତର୍ଛଡ଼ା ଆଏଜ୍ ୧୧ ବଜେ ପହେଲା ଚାଷୀମାନ୍କର୍ ସାଙ୍ଗେ ଯୋଗାଣ ବିଭାଗ୍ର ଅଧିକାରୀ ଆଉ ମିଲର୍ମାନ୍କର୍ ବୈଠକ୍ ହେଇଥିଲା ।

ନୂଆପଡ଼ା - ଧାନ୍ଘିନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏଜ୍ଠାନୁ ଖରିଫ୍ ଧାନ୍ ଘିନା ମୁଲ୍ ହେଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କୋମ୍ନା ବ୍ଲକ୍ର

ତର୍‌ବୋଡ୍‌ ମଣ୍ଡି ନ ସମବାୟ ସମିତି ନ ଧାନ୍‌ ଘିନା ମୁଲ୍‌ କରିଛନ୍‌ । ଚାଷୀମାନେ ମଣ୍ଡି ନ ସୁବିଧାଥି ଧାନ୍‌ ବିକିକରି ପଏସା ପାଇପାର୍‌ବେ ସେଥିର୍‌ଲାଗି ଜିଲ୍ଲାପାଲ୍‌ ନିର୍ଦ୍ଦେଶ୍‌ ଦେଇଛନ୍‌ । ଇ ଅବ୍‌ସରେ ହେଇଥିବା ସଭାଥି ଜିଲ୍ଲାଉନ୍ନୟନ୍‌ ଅଧିକାରୀ ଲମ୍ବୋଧର୍‌ ଧରୁଆ, କୋମ୍‌ନା ତହସିଲ୍‌ଦାର୍‌ ପ୍ରିୟାସି ପ୍ରଧାନ୍‌ ଗୋଷ୍ଠୀ ଉନ୍ନୟନ୍‌ ଅଧିକାରୀ ସୀତାଂଶୁ ଶେଖର୍‌ ସାମଲ୍‌ ଆଉ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତ୍‌ ଯୋଗ୍‌ ଦେଇଥିଲେ ।

## ମଡ଼ିଆ ଘିନା ସଚେତନତା ରଥ

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା କୃଷି ଅଧିକାରୀଙ୍କର୍‌ କାର୍ଯ୍ୟାଳୟ ଠାନେ ମଡ଼ିଆ ଘିନା ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ଇ ସଚେତନତା ରଥ ୩ ଦିନ୍‌ ଧରିକରି କୋମ୍‌ନା ବ୍ଲକ୍‌ର ସୁନାବେଡ଼ା, ସୋସେଙ୍ଗ, ମିଛପାଲି, ସିଲେଟ୍‌ପାଣି, ସମରସିଙ୍ଗ୍‌, ବୁଦ୍ଧିକୁମ୍‌ନା, ଖଣ୍ଡେତରା ଆର୍‌ ଭିନ୍‌ ଭିନ୍‌ ଜାଗା ବୁଲିକରି ଲୁକ୍‌କୁ ଶ୍ରୀଅନ୍ନ ବାବ୍‌ଦେ ଲୁକ୍‌କୁ ସଚେତନ୍‌ କର୍‌ବା । ଇ ଶ୍ରୀଅନ୍ନ ଚାଷ୍‌ କରିକରି ଚାଷୀମାନେ ଅଏତ୍‌କା ଲାଭ୍‌ବାନ୍‌ ହେଉଥିବାର୍‌ ବେଲେ ଲୋପ୍‌

ପାଇଯାଉଥିବା ଇ ଚାଷ୍‌କେ ବଁଚେଇ ରଖିବାର୍ ଲାଗି ଚାଷୀମାନ୍‌କୁ ତହଁକାବା ।

ଜୁନାଗଡ଼୍-ବିକାଶ୍ କମିଟି ବୈଠକ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବିଧାନ୍‌ସଭା ମଣ୍ଡଲୀ ବିକାଶ୍ କମିଟି ବୈଠକ୍ ଆଏଜ୍ ଜିଲ୍ଲା ଯୋଜନା ଆଉ ପର୍ଯ୍ୟବେକ୍ଷଣ ଶାଖାର୍ ସଭାଗୃହ ନ ହେଇଯାଇଛେ । ବିଧାୟକ୍ ଦିବ୍ୟଶଙ୍କର୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଅନୁସୂଚିତ ଜାତି ଆଉ ଜନଜାତି ହଷ୍ଟେଲ୍‌ର ସୁବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀକେ ଆର୍ଥିକ୍ ସାହାଜ୍, ଧାନ୍ ଘିନା ଉପ୍‌ରେ ଆଲୋଚନା କରାଯାଇଥିଲା ।

ସର୍ଗିଫୁଲ୍-୨୦୨୪          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ବର୍‌ଡୋଲ୍ ସେବାଶ୍ରମ ସ୍କୁଲ୍ ପରିସର ନ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ ସର୍ଗିଫୁଲ୍-୨୦୨୪ ହେଇଯାଇଛେ । ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଇ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିକରି ଛୁଆମାନ୍‌କର୍

ଲୁକ୍କାୟିତ ପ୍ରତିଭାର୍ ବିକାଶ୍ ଲାଗି ଏନ୍ତା କାର୍ଯ୍ୟକ୍ରମ୍ ଆୟୋଜନ୍‌ର ଦର୍‌କାର୍ ରହିଛେ ବଲି କହିଥିଲେ । ଇ ଉତ୍ସବ୍‌ଥି ବର୍‌ଗଡ଼୍ ଜିଲ୍ଲାର୍ ୧୨ ଟା ବ୍ଲକ୍‌ର ୮୬ ଟା ସେବାଶ୍ରମ ସ୍କୁଲ୍‌ର ଛାତ୍ରଛାତ୍ରୀ ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍‌ର ନୂଆପାଲି ଆଦିବାସୀ ହାଇସ୍କୁଲ୍ ନ ଚାଲିଥିବା ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ଉଦ୍‌ଯାପିତ୍ ହେଇଯାଇଛେ । ଇ ପ୍ରଦର୍ଶନୀଥି ୨୧ ଟା ପ୍ରକଳ୍ପ ଠାନ୍ ପାଇଥିଲା । ପ୍ରଦର୍ଶନୀର୍ କୃତୀ ପ୍ରତିଯୋଗୀମାନ୍‌କୁ ଇ ଅବ୍‌ସରେ ପୁରସ୍କୃତ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ନେହେରୁ ଯୁବକେନ୍ଦ୍ର ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ଆୟୋଜିତ ହେଇଯାଇଛେ । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ

ୟୁବ ପ୍ରତିଭା ମାନେ ପ୍ରତିଯୋଗିତାମାନ୍‌କେ ଭାଗ୍ ନେଇଥିଲେ । ଉତ୍ସବ୍‌ଥି ଲୋକନୃତ୍ୟ, ଲୋକସଂଗୀତ, ଗଳ୍ପଲିଖନ୍, ଚିତ୍ରକଳା ଆର୍ ବକ୍ତୃତା ପ୍ରତିଯୋଗିତା ହେଇଥିଲା । ଶେଷେ କୃତି ପ୍ରତିଯୋଗୀମାନ୍‌କୁ ମାନପତ୍ର, ଟ୍ରଫି ଆର୍ ନଗଦ୍ ଟଙ୍କା ପୁରସ୍କାର୍ ଦିଆଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଜିଲ୍ଲାସ୍ତରର୍ କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରର୍ ଉତ୍ସବ୍‌ଥି ଯୋଗ୍ ଦେବେ ।

ମୋବାଇଲ୍ ଉପଭୋକ୍ତା ବୃଦ୍ଧି ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ବଛର୍ ସେପ୍ଟେମ୍ବର୍ ମାସେ ରାଏଜେ ମୋବାଇଲ୍ ଉପଭୋକ୍ତାଙ୍କର୍ ସଂଖ୍ୟା ୧ ଲାଖ୍ ୩୩ ହଜାର୍ ୪ ଶହ ୬୩ ଟା ବଢ଼ିଛେ । ଇ ସଂଖ୍ୟାକେ ମିଶେଇକରି ଏବ୍‌ତକ୍ ରାଏଜେ ୩ କୋଟି ୪୦ ଲାଖ୍ ୮୦ ହଜାର୍ ୬ ଶହ ୨୬ ଝନ୍ ମୋବାଇଲ୍ ଉପଭୋକ୍ତା ଥିବାର୍ ସୂଚ୍‌ନା ମିଲିଛେ ।